## ସଂକ୍ଷେପରେ

### ଲିଙ୍ଗରାଯୋଡ଼ିକୁ ଡେଇଁ ବୃଦ୍ଧା ମୃତ

ଅନୁଗୋଳ ଅଫିସ, ୪।୬- ଅନୁଗୋଳ ସହର ଉପକଣ୍ଠ ହୁଲୁରିସିଂହା ନିକଟରେ ଥିବା ଏକ ପୁରୁଣା ବ୍ରିଜ୍ ଉପରୁ ତଳକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ ବେଳେ ଗୁରୁତର ହୋଇଥିବା ଜଣେ ବୃଦ୍ଧାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଖବରପାଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସମ୍ପୃକ୍ତା ବୃଦ୍ଧା ହେଲେ ହୁଲୁରିସିଂହାର ନୟନୀ ବେହେରା(୬୦)। ଉଚ୍ଚ ରକ୍ତଚାପ ସହ ଅନ୍ୟ ରୋଗରେ ସେ ପୀଡିତ ଥିବା ପରିବାର ଲୋକେ କହିଛନ୍ତି। ସକାଳେ ଔଷଧ ଖାଇବା ପରେ ବୃଦ୍ଧା ଜଣଙ୍କ ବାଚାଳ ପରି ଏଣୁତେଣୁ ଗପନ୍ତି। କିଛି ସମୟ ପାଇଁ କେଉଁଆଡ଼େ ପଳାଇ ଯାଆନ୍ତି। ମଙ୍ଗଳବାର ସକାଳେ ମଧ ସମାନ ଘଟଣା ଘଟିଥିଲା। ମେଡିସିନ୍ ଖାଇବା ପରେ ବୃଦ୍ଧା ଜଣଙ୍କ ନିକଟସ୍ଥ ଲିଙ୍ଗରାନାଳ ଉପରେ ଥିବା ପୁରୁଣା ବ୍ରିଜ୍ ଉପରେ ବସିଥିବା ଲୋକମାନେ ଦେଖିଥିଲେ। ଏହାପରେ ସେ ହଠାତ୍ ପୋଲ ତଳକୁ ଡେଇଁ ପଡ଼ିଥିଲେ। ଆଖପାଖରେ ଥିବା ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି।

### ଓଲଟିଲା କୋଇଲା ବୋଝେଇ ଟ୍ରକ୍



ଛେଣ୍ଡିପଦା,୪।୬(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ବାଲିପଟା ପଞ୍ଚାୟତ ଦେଇ ଯାଇଥିବା ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ବାଲିପଟା ନିକଟରେ ମଙ୍ଗଳବାର ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡି ୩୫ ସି୬୦୪୯) ଭାରସାମ୍ୟ ହରାଇ ଓଲଟି ପଡିଛି। ଉକ୍ତ ଟ୍ରକ୍ ତାଳଚେରରୁ ୫୫ ନଂ. ଜାତୀୟ ରାଜପଥ ଅଭିମୁଖେ ଯାଉଥିବାବେଳେ ବାଲିପଟା ଡାକ୍ତରଖାନାଠାରୁ ୧୦୦ ମିଟର ଦୂରରେ ଥିବା ବୁଲାଣି ନିକଟରେ ଓଲଟି ପଡିଥିଲା। ଦୁର୍ଘଟଣା ଯୋଗୁ ଘଣ୍ଟାଏ ଧରି ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଫାଇନାନ୍ସ କର୍ମଚାରୀଙ୍କଠାରୁ ୯୮ ହଜାର ଲୁଟ୍

କଣିହାଁ,୪।୬(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ବୁଲାଝର ନିକଟରେ ସୋମବାର ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଦୁର୍ବୃତ୍ତମାନେ ୯୮ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି।
ସମଲ ଥାନା ଏସ୍ଆଇ ବିକ୍ରମ ବିହାରୀ ଜୟପୁରିଆ କହିଛନ୍ତି, ପବିତ୍ରନଗର ଅଞ୍ଚଳରେ ଥିବା ଅନେକ ସ୍ୱୟଂସହାୟକ ଗୋଷ୍ଠୀକୁ ଅନ୍ନପୂର୍ଣ୍ଣା ଫାଇନାନ୍ସ ତରଫରୁ ଋଣ ପ୍ରଦାନ କରାଯାଇଛି। ସୋମବାର ସଂସ୍ଥାର ଫିଲ୍ଡ ଅଫିସର ଜ୍ୟୋତିରଞ୍ଜନ ରାଉତ ଓ କର୍ମଚାରୀ ପ୍ରଶାନ୍ତ କୁମାର ପୃଷ୍ଟି ଋଣ ଅର୍ଥ ଆଦାୟ ପାଇଁ ଆସିଥିଲେ। ବିଭିନ୍ନ ଗ୍ରୁପ୍‌ଠାରୁ ୯୮ ହଜାର ୭୦ ଟଙ୍କା ଆଦାୟ କରି ଫେରୁଥିବାବେଳେ ବୁଲାଝର ଗ୍ରାମ ନିକଟରେ ୨ଟି ନମ୍ବର ବିହୀନ ବାଇକ୍‌ରେ ୫ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଆଦାୟ ଅର୍ଥ ସହ କାଗଜପତ୍ର ଲୁଟି ନେଇ ଫେରାର ହୋଇଯାଇଥିଲେ। ଜ୍ୟୋତିରଞ୍ଜନଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୮୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ପୋଖରୀ ହୁଡାରୁ ମୃତଦେହ ଉଦ୍ଧାର

ବନ୍ତଲା,୪।୬(ଡି.ଏନ.ଏ.)- ବନ୍ତଲା ଥାନା ଶଙ୍ଖପୁର ପ୍ରଧାନ ସାହି ପୋଖରୀ ହୁଡାରୁ ମଙ୍ଗଳବାର ରାତିରେ ବନ୍ତଲା ବଜାରର ବସନ୍ତ ସାହୁ (୪୮)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବରପାଇ ବନ୍ତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ବସନ୍ତ ପ୍ରତିଦିନ ଭିକ୍ଷା ମାଗି ଚଳିଆନ୍ତି ବୋଲି ଜଣାପଡ଼ିଛି।

---

■ଏ-୧ ଗ୍ରେଡ୍ ଛାତ୍ରୀଛାତ୍ରଙ୍କୁ ପ୍ରଶାସନର ସମ୍ବର୍ଦ୍ଧନା

# ସଫଳତା ଅର୍ଜନ କର, ଗୌରବ ବୃଦ୍ଧି କର



ପ୍ରଶାସନ ପକ୍ଷରୁ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅନୁଗୋଳ ଅଫିସ, ୪।୬**

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ଅନୁଗୋଳ ଜିଲାର ୫୨ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିପାଇଁ ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀକକ୍ଷ ଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଠିନ ପରିଶ୍ରମ କରି ଭବିଷ୍ୟତରେ ସଫଳତା ଅର୍ଜନ ସହ ଜିଲାର ଗୌରବ ବୃଦ୍ଧି କରିବାକୁ ଜିଲାପାଳ ସେମାନଙ୍କୁ ପରାମର୍ଶ ଦେଇଥିଲେ।
ଜିଲାପାଳ କହିଥିଲେ ଯେ, ମାଟ୍ରିକ ପରୀକ୍ଷାର ଫଳାଫଳକୁ ଛାତ୍ରୀଛାତ୍ରଙ୍କ କ୍ୟାରିଅରର ପ୍ରଥମ ପ୍ଲାଟଫର୍ମ ଭାବେ ବିବେଚନା କରାଯାଉଛି। ସାଧାରଣ ପରିବେଶରୁ ଆସି ଏପରି ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ମେଧାବୀ ଗୁଣ ବଜାୟ ରଖନ୍ତୁ। ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖି ତାହାକୁ ସାକାର କରନ୍ତୁ। ପ୍ରଚଳିତ ବୈଷୟିକ ଯୁଗରେ ମନୋବଳକୁ ଦୃଢ଼ କରି ଯେ କୌଣସି ଆହ୍ୱାନର ମୁକାବିଲା କରିବାକୁ ଜିଲାପାଳ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗଦେଇ ବିନା ଚାପରେ ଶିକ୍ଷା ଗ୍ରହଣ ସହ ସମାଜର ବିକାଶ ଧାରାରେ ନିଜକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଅଧ୍ୟକ୍ଷତା କରି ୪ ବର୍ଷ ହେଲା ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ମାଧ୍ୟମରେ ଏପରି ଉତ୍ସାହିତ କରାଯାଉଥିବା କହିଥିଲେ। ଜିଲା ଖଣିଜ ପାଣ୍ଠିରୁ ପ୍ରତ୍ୟେକ ମେଧାବୀ ଛାତ୍ରୀଛାତ୍ରଙ୍କୁ ୨ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୀତା କେରକେଟା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଜିଲାରୁ ଶତ ପ୍ରତିଶତ ଫଳାଫଳ କରିଥିବା ୫ଟି ବିଦ୍ୟାଳୟ ଓ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ୧୫ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲିୟାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ସାହୁ ଓ ଗଡ଼ତରାସ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୁଣ୍ଡିଚାରାଣୀ ଖୁଣ୍ଟିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରାଙ୍କ ସମେତ ଜିଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ସହାୟତା କରିଥିଲେ। ଓଷ୍ଟା ସଭାପତି ସରୋଜ କୁମାର ପାଣିଗ୍ରାହୀ ଓ ମେଧାବୀ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ଅଭିଭାବକ ଏବଂ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇଥିଲେ।



ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ।

---

## ବିସ୍ଥାପିତଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯିବ

**ପାଲଲହଡା,୪।୬(ଡି.ଏନ.ଏ.)**

ଆଗାମୀ ୫ ବର୍ଷ ମଧ୍ୟରେ ପାଲଲହଡାର ବିକାଶକୁ ତ୍ୱରାନ୍ୱିତ କରାଯିବ। ବିଶେଷକରି ବହୁ ପ୍ରତିକ୍ଷିତ ଚକ୍ରଧରପୁର ପ୍ରକଳ୍ପ, ରେଙ୍ଗାଳି ଓ ସମଲ ବ୍ୟାରେଜ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯିବ। ଉପଖଣ୍ଡ ଜାତୀୟ ରାଜପଥ ଡାକ ବଙ୍ଗଳାଠାରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି ବିଧାୟକ ମୁକେଶ କୁମାର ପାଲ। ସେ କହିଛନ୍ତି ଯେ, ପାଲଲହଡା ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ମଧ୍ୟମ ଜଳସେଚନ ପ୍ରକଳ୍ପରେ ପରିଣତ କରାଯିବ। ପାଲଲହଡାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପ୍ରଦାନ, ବେକାରୀ ସମସ୍ୟା ଦୂର ପାଇଁ ଛୋଟ ବଡ ଶିଳ୍ପ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯିବ। ଆଗାମୀ ଦିନରେ ନିର୍ବାଚନମଣ୍ଡଳୀରେ ଥିବା ୨ଟି ବ୍ଲକର ଜନସାଧାରଣଙ୍କ ସହ ଆଲୋଚନା କରି କାର୍ଯ୍ୟକ୍ରମ ହାତକୁ ନିଆଯିବ। ଅନ୍ୟମାନଙ୍କ ମଧ୍ୟରେ ପାଲଲହଡା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଯୋଗେଶ ଭୁକ୍ତା, ସମ୍ପାଦକ ସୁଶୀଲ କୁମାର ସାମଲ, ବ୍ଲକ ଉପାଧ୍ୟକ୍ଷା ଲିଲି ପ୍ରଧାନ, ସମିତିସଭ୍ୟ ପ୍ରସନ୍ନ ସାହୁ, ନରେନ୍ଦ୍ର ଭୁକ୍ତା, ପ୍ରହ୍ଲାଦ ପ୍ରଧାନ, ରଞ୍ଜିତ ସାମଲଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

---

## ବିଜେଡିରେ ମିଶିଲେ ପାଲଲହଡ଼ା ବ୍ଲକ ଉପାଧ୍ୟକ୍ଷା



ବିଧାୟକଙ୍କ ସହ ଉପାଧ୍ୟକ୍ଷା ବ୍ଲକ ଅଫିସକୁ ଯାଉଛନ୍ତି।

**ପାଲଲହଡା,୪।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡା ବ୍ଲକ ଉପାଧ୍ୟକ୍ଷା ଲିଲି ପ୍ରଧାନ ମଙ୍ଗଳବାର ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ପାଲଲହଡା ବିଧାୟକ ମୁକେଶ କୁମାର ପାଲଙ୍କ ଉପସ୍ଥିତିରେ ସ୍ଥାନୀୟ ମା' କୁଣ୍ଢେଇବୀରାଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ମିଶ୍ରଣ ପର୍ବରେ ସେ ବିଜେଡିରେ ଯୋଗ ଦେଇଥିଲେ। ପରେ ଏକ ଶୋଭାଯାତ୍ରାରେ ବିଜେଡି କର୍ମୀଙ୍କ ସହ ସେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ମୁକେଶ ତାଙ୍କ ନିକଟରେ ଥିବା ବ୍ଲକ ଅଧ୍ୟକ୍ଷ ଦାୟିତ୍ୱ ଉପାଧ୍ୟକ୍ଷାଙ୍କୁ ହସ୍ତାନ୍ତର କରିଥିଲେ। ସେ ବିଧାୟକ ହେବା ପରେ ବ୍ଲକ ଅଧ୍ୟକ୍ଷ ପଦବୀ ଖାଲି ପଡିଥିବାରୁ ପରବର୍ତ୍ତୀ ଅଧ୍ୟକ୍ଷ ନିର୍ବାଚନ ପର୍ଯ୍ୟନ୍ତ ଉପାଧ୍ୟକ୍ଷା ଉକ୍ତ ଦାୟିତ୍ୱ ତୁଲାଇବେ। ଉପାଧ୍ୟକ୍ଷା ପ୍ରଧାନ ଜଣେ ସୁସଙ୍ଗଠିକା ହୋଇଥିବାରୁ ସେ ଦଳରେ ମିଶିବା ପରେ ବିଜେଡି ଆହୁରି ମଜବୁତ୍ ହେବ ବୋଲି ବିଧାୟକ ପାଲ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସମିତିସଭ୍ୟଙ୍କ ସହ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।

---

## ଛେଣ୍ଡିପଦା ବନାଞ୍ଚଳ ଇଲାକାରେ ୨୪ ହାତୀ

**ଛେଣ୍ଡିପଦା,୪।୬(ଡି.ଏନ.ଏ.)**

ଛେଣ୍ଡିପଦା ବନାଞ୍ଚଳ ଇଲାକାରେ ୨୪ ହାତୀ ଚଳପ୍ରଚଳ କରୁଛନ୍ତି। ବ୍ରାହ୍ମଣବିଲ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ୪ଟି ଓ କଣଲୋଇ ପଞ୍ଚାୟତ ମାରୁଡ଼ିପ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ପ୍ରାୟ ୨୦ ହାତୀ ବିଚରଣ କରୁଥିବାରୁ ଉକ୍ତ ଜଙ୍ଗଲ ଓ ପାହାଡ ରାସ୍ତା ଦେଇ ଯାତାୟାତ ନ କରିବାକୁ ଜଙ୍ଗଲ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଏ ନେଇ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଛି। ଏହି ବନାଞ୍ଚଳରେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଛି। ବିଭିନ୍ନ ସମୟରେ ଚାଷୀମାନଙ୍କ ଅର୍ଥକରୀ ଫସଲ ନଷ୍ଟ କରୁଥିବା ଯୋଗୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଉଛି। ତେଣୁ ହାତୀ ପଲକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସବୁ ମହଲରୁ ଦାବି ହୋଇଛି। ଏ ନେଇ ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ଅଫିସର କହିଛନ୍ତି, ହାତୀଙ୍କ ବିଚରଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି।

---

■ଛୁଟିରେ ଆର୍ଆଇ

# ହୋଇପାରୁନି କ୍ଷୟକ୍ଷତି ଆକଳନ

**ଅନୁଗୋଳ ଅଫିସ, ୪।୬**



କାଳବୈଶାଖୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲେ ବି ଏଯାଏ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ନାହିଁ କି ସହାୟତା ଯୋଗାଇ ଦିଆଯାଇ ନାହିଁ। ଅନୁଗୋଳ ବ୍ଲକ ବାରସିଂହା ଗାଁର କବିନ୍ଦ୍ର ଦାସଙ୍କ ପରିବାର ପକ୍ଷରୁ ପ୍ରଶାସନ ନିକଟରେ ଏପରି ଅଭିଯୋଗ କରାଯାଇଛି।
ସମ୍ପୃକ୍ତ ପରିବାର ଦର୍ଶାଇଛନ୍ତି ଯେ, କାଳବୈଶାଖୀରେ ତାଙ୍କ ଘରର ଆଜବେଷ୍ଟସ ଛପର ଉଡ଼ିଯାଇଛି। ଫଳରେ ପରିବାରର ସମସ୍ତ ସଦସ୍ୟ ଖୋଲା ଆକାଶ ତଳେ ରହୁଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ତାଙ୍କର କ୍ଷୟକ୍ଷତି ଏଯାଏ ଆକଳନ କରାଯାଇ ନାହିଁ। ଏ ନେଇ କବିନ୍ଦ୍ର ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇବା ପରେ ଜିଲାପାଳ ତହସିଲଦାରଙ୍କୁ ଘଟଣା ସମ୍ପର୍କରେ ତଦନ୍ତ କରି ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିୟମ ମୁତାବକ ସ୍ଥାନୀୟ ଆରଆଇ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବା ପରେ ସରକାରୀ ସହାୟତା ମିଳିଥାଏ। ହେଲେ ଆର୍ଆଇ ଛୁଟିରେ ଥିବାରୁ ଆଜିଯାଏ କବିନ୍ଦ୍ରଙ୍କ କ୍ଷୟକ୍ଷତିର ଆକଳନ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ କହିଛନ୍ତି, ଆରଆଇଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସେ ଛୁଟିରେ ଥିବା ଜାଣି ନ ଥିଲି। ଲୋକଙ୍କୁ କିପରି ସହାୟତା ପ୍ରଦାନ କରାଯିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ।

---

## ଉଚ୍ଛେଦ ପ୍ରକ୍ରିୟା ବିଳମ୍ବକୁ ନେଇ ଉତ୍ତେଜନା



**ବଇଣ୍ଡା,୪।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ଗ୍ରାମ ଦେଇ ଯାଇଥିବା ୫୫ନଂ. ଜାତୀୟ ରଜପଥ ପାର୍ଶ୍ୱରୁ ମଙ୍ଗଳବାର ଉଚ୍ଛେଦ ବିଳମ୍ବକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ରାଜପଥ ସମ୍ପ୍ରସାରଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ରାସ୍ତା ପାର୍ଶ୍ୱ କଦଳୀମୁଣ୍ଡା ଗ୍ରାମରେ ଉଚ୍ଛେଦ ହେବ ବୋଲି ପୂର୍ବରୁ ମାଇକ ଦ୍ୱାରା ପ୍ରଚାର କରାଇଥିବାରୁ ଲୋକେ ଦୋକାନ ଓ ଘର ଖାଲି କରିଦେଇଥିଲେ। ହେଲେ ଠିକାସଂସ୍ଥା ଅଧିକାରୀଙ୍କ ଅପରାହ୍ନ ପର୍ଯ୍ୟନ୍ତ ଦେଖାମିଳି ନ ଥିଲା। ଉଚ୍ଛେଦକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ବିଭାଗ ପକ୍ଷରୁ ସକାଳୁ ସେବା ବିଚ୍ଛିନ୍ନ କରିଦିଆଯାଇଥିବା ବେଳେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। କିନ୍ତୁ ଅପରାହ୍ନ ପର୍ଯ୍ୟନ୍ତ ଉଚ୍ଛେଦ ପକ୍ରିୟା ଆରମ୍ଭ କରାଯାଇ ନ ଥିବାବେଳେ ୪ଟା ପରେ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘର ଓ ଦୋକାନ ଠିକାସଂସ୍ଥା କର୍ମଚାରୀମାନେ ଜେସିବି ଲଗାଇ ଭାଙ୍ଗିଥିଲେ। ଅନ୍ୟ ଖାଲି ହୋଇଥିବା ଘରଗୁଡ଼ିକକୁ ଭାଙ୍ଗିବା ପାଇଁ ଲୋକେ ଅନୁରୋଧ କରିଥିଲେ ମଧ ଠିକାସଂସ୍ଥା ପକ୍ଷରୁ ଉଚ୍ଛେଦ କରା ନ ଯିବା ଯୋଗୁ ଅସନ୍ତୋଷ ଦେଖା ଦେଇଥିଲା। ଆଇନଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

---

■ତହସିଲଦାରଙ୍କ ସମେତ ୧୭ ପଦବୀ ଖାଲି

# ତାଳଚେରବାସୀ ଭୋଗୁଛନ୍ତି ଅସୁବିଧା

**ତାଳଚେର,୪।୬(ନି.ପ୍ର.)**



ତାଳଚେର ଶିଳ୍ପାଞ୍ଚଳ ତହସିଲ ଅଫିସରେ ତହସିଲଦାର ପଦବୀ ସମେତ ଅନେକ ପଦବୀ ଖାଲି ପଡିଛି। ଫଳରେ ତହସିଲ କାର୍ଯ୍ୟରେ ସମସ୍ୟା ଦେଖାଦେଇଛି। ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଜନସାଧାରଣ ବାରମ୍ବାର ଆସୁଥିଲେ ବି ନିରାଶ ହୋଇ ଫେରିବାକୁ ବାଧ୍ୟ ହେଉଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।
୧୯୬୩ରେ ସ୍ଥାପିତ ଏହି ତହସିଲ ଉପରେ ପ୍ରଥମେ ତାଳଚେର ବ୍ଲକ, କଣିହାଁ ବ୍ଲକ ସମେତ ତାଳଚେର ପୌରାଞ୍ଚଳବାସୀ ନିର୍ଭର କରୁଥିଲେ। କଣିହାଁରେ ତହସିଲ ଖୋଲିବା ପରେ ତାଳଚେର ବ୍ଲକର ୨୧ ପଞ୍ଚାୟତ ଓ ପୌରାଞ୍ଚଳର ୨୧ଟି ୱାର୍ଡବାସୀ ତାଳଚେର ତହସିଲ ଉପରେ ନିର୍ଭର କରୁଛନ୍ତି। ତେବେ ଗତ ଫେବୃୟାରୀରୁ ଏଠାରେ ତହସିଲଦାର ପଦବୀ ଖାଲି ପଡିଛି। ଏଠାରେ ଥିବା ତହସିଲଦାର ସାଫଲ୍ୟମଣ୍ଡିତ ପ୍ରଧାନଙ୍କ ଢେଙ୍କାନାଳ ଉପଜିଲାପାଳ ଭାବେ ପଦୋନ୍ନତି ପରଠାରୁ ଏଠାରେ ଆଉ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ସେହିପରି ବଡବାବୁ ପଦବୀରେ କେହି ନ ଥିବା ବେଳେ ରେଭିନ୍ୟୁ ଇନ୍ସପେକ୍ଟର ୨, ସିନିୟର କିରାଣି ୧, ସହକାରୀ ରେଭେନ୍ୟୁ ଇନ୍ସପେକ୍ଟର ୧, ପ୍ରୋସେସ ସର୍ଭର ୫, ପିଅନ ୭ଟି ପଦବୀ ଖାଲି ପଡିଛି। ଜଣେ ଅତିରିକ୍ତ ତହସିଲଦାର, ୬ଜଣ କିରାଣି ଓ ୩ଜଣ ପିଅନ ଏବେ କାର୍ଯ୍ୟ କରୁଛନ୍ତି। ଜଣେ କିରାଣିଙ୍କ ହାତରେ ୩/୪ଟି ବିଭାଗର ଦାୟିତ୍ୱ ରହିଛି। ଏଭଳି ପରିସ୍ଥିତିରେ କାର୍ଯ୍ୟ କିଭଳି ହେଉଥିବ ତାହା ସ୍ପଷ୍ଟ ଅନୁମେୟ। ସାଧାରଣତଃ ମ୍ୟୁଟେସନ, ଓଏଲଆର, ପାର୍ଟିସନ, ଘରବାଡି, ଜବରଦଖଲ, ଲିଜ୍ ସମେତ ବର୍ଷକୁ ୫/୬ ହଜାର କେସ୍ ଏଠାକୁ ବିଚାର ପାଇଁ ଆସିଥାଏ। ଏହା ବ୍ୟତୀତ ଅନ୍ୟାନ୍ୟ କାମ ରହିଛି। ଅତିରିକ୍ତ ତହସିଲଦାର ତହସିଲ ଅଫିସ ସମେତ ଏବେ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ରହିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ବେଳେ ତାଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱ ନିର୍ବାହ କରିବାକୁ ପଡୁଛି। ତେଣୁ ଅନେକ ସମୟରେ ତାଙ୍କର ଅନୁପସ୍ଥିତି ଯୋଗୁ ଜନସାଧାରଣ ଅସୁବିଧା ଭୋଗ କରୁଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ସଚ୍ଚିଦାନନ୍ଦ ବେହେରା କହିଛନ୍ତି, ଅନେକ ପଦବୀ ଖାଲି ପଡ଼ିଛି। ଜଣେ କିରାଣି ଏବେ ୩/୪ ବିଭାଗ କାମ ତୁଲାଉଥିବାରୁ ଅସୁବିଧା ଉପୁଜୁଛି।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ବିଶ୍ୱ ପରିବେଶ ଦିବସ
ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ
ସମୟ: ପୂର୍ବାହ୍ନ ୮ଟା।

■ବିଜ୍ଞାନକେନ୍ଦ୍ର ପକ୍ଷରୁ ରୌପ୍ୟଜୟନ୍ତୀ ସମାରୋହ
ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର
ସମୟ: ପୂର୍ବାହ୍ନ ୮ଟା।

■ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ
ସ୍ଥାନ: ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ
ସମୟ: ପୂର୍ବାହ୍ନ ୯ଟା।

**ଅନୁଗୋଳ**

■ସମୂହ ନମାଜ ପାଠ
ସ୍ଥାନ: ଅନୁଗୋଳ ମସ୍‌ଜିଦ୍
ସମୟ: ପୂର୍ବାହ୍ନ ୧୦ଟା।

■ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ
ସ୍ଥାନ: ଆଦୃତା ଶିଶୁଗୃହ
ସମୟ: ଅପରାହ୍ନ ୫ଟା।

**ବଣ୍ଡରପାଳ**

■ବିଶ୍ୱ ପରିବେଶ ଦିବସ
ସ୍ଥାନ: ନାଲ୍‌କୋ ସ୍ମେଲଟର, ସିପିପି
ସମୟ: ପୂର୍ବାହ୍ନ ୮ଟା।

## ସଂକ୍ଷେପରେ

### ଶିକାରୀ ଗିରଫ, ଦେଶୀ ବନ୍ଧୁକ ଜବତ

**ଛେଣ୍ଡିପଦା,୪।୬ (ସ୍ୱ.ପ୍ର./ଡି.ଏନ.ଏ.):** ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ବନ ବିଭାଗ ଜଣେ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପାତ୍ରପଡ଼ା ଗ୍ରାମର ହାଡ଼ିବନ୍ଧୁ ମୁଣ୍ଡା। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ କରାଯାଇଛି।
ବନ ବିଭାଗ କହିଛି, ପାତ୍ରପଡ଼ାର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ହାଡ଼ିବନ୍ଧୁ ବନ୍ଧୁକ ଧରି ଶିକାର ପାଇଁ ଯାଉଥିବାବେଳେ ବନ କର୍ମଚାରୀମାନେ ମାଦେଳିଆ ନାଳ ନିକଟରୁ ତାଙ୍କୁ ଗିରଫ କରିଥିଲେ। ଛେଣ୍ଡିପଦା ଫରେଷ୍ଟର କଳାକର ପ୍ରଧାନ, ଫରେଷ୍ଟ ଗାର୍ଡ ଦୀପକ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଏ ନେଇ ନଂ. ୬/୧୯ରେ ଏକ ମାମଲା ରୁଜୁ ହୋଇଛି।

### ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ବଣ୍ଡରପାଳ,୪।୬(ଡି.ଏନ.ଏ.):** ବଣ୍ଡରପାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସୋମବାର ରାତିରେ କୌଣସି କାରଣରୁ ଯୁବତୀ ଜଣକ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ମଧ ପାରିବାରିକ ଅଶାନ୍ତିକୁ ନେଇ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଘଟଣାସ୍ଥଳରେ ପୋଲିସ ତଦନ୍ତ ଚଳାଇଛି।

### ୩ ବାଇକ୍ ଧକ୍କା

**ବଣ୍ଡରପାଳ,୪।୬(ଡି.ଏନ.ଏ.):** ନାଲ୍‌କୋ ସେଣ୍ଟ୍ରାଲ ମାର୍କେଟ ନିକଟରେ ମଙ୍ଗଳବାର ସକାଳେ ୩ଟି ବାଇକ୍ ମଧରେ ଧକ୍କା ହେବାରୁ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମହିମା ଜେନା, ଡୁବୁ ଜେନା ଓ ଚିକୁ ପାତ୍ର। ସେମାନଙ୍କୁ ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡୁବୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ଜିଲାର ଦ୍ୱିତୀୟ ସ୍ଥାନରେ ତାଳଚେର ଛାତ୍ର

**ତାଳଚେର,୪।୬ (ନି.ପ୍ର.):** ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ତାଳଚେର ଗଡତଳ ଆଞ୍ଚଳିକ ମହାବିଦ୍ୟାଳୟ ଛାତ୍ର ମୋହନଲାଲ



ଅଗ୍ରୱାଲା ୫୧୭ ନମ୍ବର (୮୭%) ରଖି କୃତିତ୍ୱ ହାସଲ କରିଛନ୍ତି। ତାଳଚେର ଉପଖଣ୍ଡରେ ସେ ସର୍ବାଧିକ ନମ୍ବର ରଖିବା ସହ ଜିଲାର ଦ୍ୱିତୀୟ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛନ୍ତି। ତାଳଚେର ସହରର ଅଶୋକଲାଲ୍ ଅଗ୍ରୱାଲାଙ୍କ ପୁଅ ହେଉଛନ୍ତି ମୋହନଲାଲ। ତାଙ୍କର ଏହି ସଫଳତା ପାଇଁ ମହାବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର କୁମାର ପାଇକରାୟ ଏବଂ ସମସ୍ତ ଅଧାପକ, କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି। ମୋହନଲାଲ ଦଶମ ପରୀକ୍ଷାରେ ମଧ ୯୦ ପ୍ରତିଶତ ନମ୍ବର ରଖିଥିଲେ।

■ନାଲ୍‌କୋ ଅଞ୍ଚଳରେ ବଢୁଛି ପ୍ରଦୂଷଣ

# ଧୂଳି ଧୂଆଁରେ ଲୋକେ ଅତିଷ୍ଠ

**ବଣ୍ଡରପାଳ, ୪।୬ (ଡି.ଏନ୍.ଏ.)**



ନବରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଅନେକ ସମୟରେ ପ୍ରଦୂଷଣରେ ଛଟପଟ ହେଉଥିବା ଅଭିଯୋଗ ହେଉଛି। ପ୍ଲାଣ୍ଟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ ପାଉଁଶ ଓ ବିଷାକ୍ତ ଧୂଆଁ ଲୋକଙ୍କୁ ଅତିଷ୍ଠ କରିଦେଉଛି। ବିଶେଷକରି ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରୁ ଅନେକ ସମୟରେ ବିଷାକ୍ତ ଗ୍ୟାସ୍ ନିର୍ଗତ ହେଉଥିବାରୁ ନିକଟରେ ଥିବା ଜମିରେ ଫସଲ କ୍ଷତିଗ୍ରସ୍ତ ହେଉଛି। ଏ ନେଇ କ୍ଷତିଗ୍ରସ୍ତମାନେ ଜିଲା ପ୍ରଶାସନ ଓ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ନିକଟରେ ପୂର୍ବରୁ ବହୁବାର ଅଭିଯୋଗ ମଧ କରିଛନ୍ତି। ହେଲେ ପ୍ରତିକାରର ସ୍ଥାୟୀ ବ୍ୟବସ୍ଥା କରାଯାଉ ନ ଥିବାରୁ ସମସ୍ୟା ବୃଦ୍ଧି ପାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

୧୨ ଶହ ମେଗାୱାଟ ବିଶିଷ୍ଟ ସିପିପି ବିଦ୍ୟୁତ୍ ପ୍ରକଳ୍ପରେ ୧୦ଟି ୟୁନିଟ୍ ରହିଛି। ଗୋଟିଏ ୟୁନିଟ୍‌ରୁ ୧୨୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥାଏ। ବର୍ତ୍ତମାନ କାର୍ଯ୍ୟକ୍ଷମ ୮ଟି ୟୁନିଟ୍‌ରୁ ୯୬୦ ମେଗାୱାଟ୍ ଶକ୍ତି ଉତ୍ପାଦନ ହେଉଛି। କିନ୍ତୁ ପ୍ଲାଣ୍ଟରୁ ବାହାରୁଥିବା କୋଇଲା

■ଫସଲ ନଷ୍ଟ କରୁଛି ବିଷାକ୍ତ ଗ୍ୟାସ୍
■ଅଣନିଃଶ୍ୱାସୀ କରୁଛି କୋଇଲା ପାଉଁଶ
■ଜଳଉତ୍ସରେ ମିଶୁଛି ଆଶ୍‌ପଣ୍ଡ ପାଣି

ପାଉଁଶର ଉପଯୁକ୍ତ ଯତ୍ନ ନିଆ ନ ଯାଇ ଆଶ୍‌ପଣ୍ଡରେ ଗଦେଇ ଦିଆଯାଉଥିବାରୁ ସାମାନ୍ୟ ପବନରେ ତାହା ଉଡ଼ି ଅଞ୍ଚଳର ପରିବେଶକୁ ପ୍ରଦୂଷିତ କରୁଛି। ବିଶେଷକରି ଖରାଦିନେ ଆଶପଣ୍ଡରୁ ବହୁମାତ୍ରାରେ ପାଉଁଶ ଗୁଣ୍ଡ ଉଡୁଛି। ଗତ ୧୫ ଦିନ ମଧରେ ନାଲ୍‌କୋ ଆଶ୍‌ପଣ୍ଡରୁ ୩ରୁ ୪ ଥର ପାଉଁଶ ଉଡ଼ି ଆଖପାଖ ଅଞ୍ଚଳର ଲୋକଙ୍କ ଘରେ, କୂଅ ଓ ପୋଖରୀରେ ପଡ଼ିବା ଦ୍ୱାରା ପ୍ରଦୂଷଣ ମାତ୍ରା ବଢ଼ିଯାଇଛି। ସେହିପରି ବର୍ଷା କିମ୍ବା ଆଶପଣ୍ଡରେ ଫାଟ ସୃଷ୍ଟି ହେଲେ ପାଉଁଶ ପାଣି ଲିକେଜ ହୋଇ ନନ୍ଦିରା ନାଳରେ ମିଶୁଥିବା ଅନେକ ସମୟରେ ଦେଖାଯାଉଛି। ଏହାଦ୍ୱାରା ନନ୍ଦିରା ନାଳ ପ୍ରଦୂଷିତ ହେବାରେ ଲାଗିଛି। ୧୯୯୯ରେ ଆଶ୍‌ପଣ୍ଡ ଭୁଶୁଡ଼ି ବହୁ ମାତ୍ରାରେ ପାଉଁଶ ନନ୍ଦିରାରେ ମିଶିବା ସହ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଫସଲ ନଷ୍ଟ କରିଥିଲା। ଏ ସମ୍ପର୍କରେ କୁକୁଡ଼ାଙ୍ଗର ପୂର୍ବତନ ସରପଞ୍ଚ ଅମୀୟ ତ୍ରିପାଠୀ, କୁରୁଡ୍ଡୁଲୁର ପୂର୍ବତନ ସରପଞ୍ଚ ସନ୍ତୋଷ ଥମ୍ବ, ବଳରାମପ୍ରସାଦର ଅଖିଳ ପଣ୍ଡା, ଗିରାଙ୍ଗର ପ୍ରଭାସ ସାମଲ ପ୍ରମୁଖ କୁହନ୍ତି, ନାଲ୍‌କୋ ପ୍ଲାଣ୍ଟ ଯୋଗୁ ଅନେକ ସମୟରେ ଜଳ ଓ ବାୟୁ ପ୍ରଦୂଷିତ ହେଉଛି। ଖରାଦିନେ ପବନରେ ଆଶ୍‌ପଣ୍ଡରୁ ପ୍ରବଳମାତ୍ରାରେ ପାଉଁଶ ଉଡୁଛି। ସେହିପରି ସ୍ମେଲଟର ପ୍ଲାଣ୍ଟରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେଉଛି। ତେଣୁ ପ୍ଲାଣ୍ଟର ଧୂଳିଧୂଆଁରେ ଆମେ ଅତିଷ୍ଠ ହୋଇପଡ଼ିଲୁଣି। ଏ ସମ୍ପର୍କରେ ନାଲ୍‌କୋ ସିପିପି ମହାପ୍ରବନ୍ଧକ ଅମ୍ବିକା ପ୍ରସାଦ ପଣ୍ଡା କହିଛନ୍ତି, ସାମାନ୍ୟ ପବନ ହେଲେ ଆଶ୍‌ପଣ୍ଡରୁ ପାଉଁଶ ଗୁଣ୍ଡ ଉଡ଼ିଥାଏ। କିନ୍ତୁ ପାଉଁଶ ଗୁଣ୍ଡ କିପରି ନ ଉଡ଼ିବ ସେଥିପ୍ରତି ପଦକ୍ଷେପ ଗ୍ରହଣ କରାଯାଉଛି।

## ସେଲ୍ଫି କର୍ଣ୍ଣର



@ ସୂର୍ଯ୍ୟକାନ୍ତ



@ ସ୍ୱାଧୀନ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
dklselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)

■ବିଧାୟକଙ୍କ ସମୀକ୍ଷା ବୈଠକ

## ୧୫ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ପାଲଲହଡ଼ା,୪।୬(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଙ୍ଗଳବାର ବିଧାୟକ ମୁକେଶ କୁମାର ପାଲ ସମୀକ୍ଷା କରିଛନ୍ତି। ବ୍ଲକ ସଭାଗୃହଠାରେ ପୂର୍ବାହ୍ନ ୧୦ଟାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡର ସମସ୍ତ ସରକାରୀ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ।

ବିଧାୟକ ପାଲ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଯୋଜନା ଓ ତାହାର ଅଗ୍ରଗତି ସମ୍ପର୍କରେ ବିଡିଓ ତ୍ରିବିକ୍ରମ କୁମୁରା ଏବଂ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀଙ୍କଠାରୁ ପଚାରି ବୁଝିଥିଲେ। ଏହାପରେ ରାସ୍ତା ନିର୍ମାଣ, ବିଦ୍ୟୁତୀକରଣ, ଜଳସେଚନ, ସ୍ୱାସ୍ଥ୍ୟସେବା ଆଦିର ସମୀକ୍ଷା କରିଥିଲେ। ଆସନ୍ତା ୧୫ ଦିନ ମଧରେ ସମସ୍ତ କାର୍ଯ୍ୟର ରିପୋର୍ଟ ପ୍ରଦାନ କରିବାକୁ ବିଭାଗର ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଙ୍ଗନୱାଡ଼ିଗୁଡ଼ିକରେ ନିମ୍ନମାନର ଛତୁଆ ଯୋଗାଣ କରାଯାଉଥିବା ଅଭିଯୋଗ ଆସୁଥିବାରୁ ଏକ କମିଟି ଗଠନ କରି ଏହାର ତଦନ୍ତ କରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ତହସିଲଦାର ସ୍ୱାଗତ ଦାଶ, ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ, ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପରିଡା, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ସାହୁ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ନାୟକ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝିଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଗଛ ପଡି ଯୁବକଙ୍କ ମୃତ୍ୟୁ

**ତାଳଚେର,୪।୬(ନି.ପ୍ର.)**

ତାଳଚେର ବ୍ଲକ ସୌଭାଗ୍ୟନଗର ଅଞ୍ଚଳରେ ମଙ୍ଗଳବାର ପୂର୍ବାହ୍ନରେ ଗଛ କାଟୁଥିବା ବେଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଶ୍ରୀକାନ୍ତ ବେହେରା ଓ ଘର କାମାକ୍ଷାନଗର ବ୍ଲକ କାମର୍ଦ୍ଦା ଗ୍ରାମରେ। ଶ୍ରୀକାନ୍ତ ନିଜ ଭଉଣୀ ଘର ତାଳବେଡାର ସୌଭାଗ୍ୟନଗର ଆସିଥିଲେ। ସକାଳୁ ସେ ଦୁର୍ଯ୍ୟୋଧନ ବେହେରାଙ୍କ ବାଡ଼ିରେ ଗଛ କାଟୁଥିଲେ। ଏହି ସମୟରେ ଏକ ୟୁକାଲପଟାସ ଗଛ ତାଙ୍କ ଉପରେ ପଡିଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତାଳଚେର ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଡାକ୍ତରଖାନାକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ନଂ. ୧୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### କିଶୋରନଗର ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

## ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ଦାବି

**ବଇଣ୍ଡା,୪।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ଥାନା ଇଲାକାରେ କିଛିଦିନ ହେବ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୋଲିସ ରାତି ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରୁ ନ ଥିବାରୁ ଅପରାଧ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଏ ନେଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କିଶୋରନଗର ଶାଖା ପକ୍ଷରୁ ମଙ୍ଗଳବାର ଅନୁଗୋଳ ଏସ୍‌ପିଙ୍କୁ ଅଭିଯୋଗ କରାଯାଇଛି।

ଏସୟୁସିଆଇ ପକ୍ଷରୁ କୁହାଯାଇଛି, କିଶୋରନଗର ଥାନା ଅଞ୍ଚଳରେ କିଛି ମାସ ହେବ ଅପରାଧ ବୃଦ୍ଧି ପାଉଛି। କିଛିମାସ ତଳେ ଘୋଷର ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ କଟୁରିରେ ଦୁର୍ବୃତ୍ତମାନେ ଆକ୍ରମଣ କରି ଟଙ୍କା ଲୁଟି ନେଇଥିଲେ। ସେହିପରି ଜାନୁୟାରୀରେ ହିମିତିରା-ଅଙ୍ଗପଡ଼ା ରାସ୍ତାର ହିମିତିରା ନିକଟରେ କେନ୍ଦୁନାଳୀର ଜଣେ ବ୍ୟବସାୟୀଙ୍କୁ ଅଟକାଇ ୬୦ ହଜାର ଟଙ୍କା ଲୁଟ୍ କରାଯାଇଥିଲା। ଶନିବାର ବାମୁରରୁ ଧଉରାପାଲି ଅଭିମୁଖେ ଘରକୁ ଯାଉଥିବାବେଳେ ଖବରଦାତା ଗୌରଚନ୍ଦ୍ର ସାହୁଙ୍କୁ ଆକ୍ରମଣ ସହ ଲୁଟ୍ ଉଦ୍ୟମ ହୋଇଥିଲା। ବାରମ୍ବାର ଲୁଟ୍ ହେଉଥିଲେ ମଧ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସେହିପରି ମଦ ସହ ଡିଜେଲ, ପେଟ୍ରୋଲ ଆଦିର ଚୋରା କାରବାର ବୃଦ୍ଧି ପାଉଛି। ଥାନାରେ ଫୋନ ଅଚଳ ଥିବାବେଳେ ଏହାକୁ ମରାମତି କରାଯାଉ ନାହିଁ। ମାସକୁ ଅଧାଦିନ ଫୋନ ଅଚଳ ରହୁଥିବା ଯୋଗୁ ଚୋରା ବ୍ୟବସାୟୀମାନେ ଖୁଲମ୍‌ଖୁଲା କୋଇଲା, କାଠ, କେନ୍ଦୁପତ୍ର ଚାଲାଣ କରୁଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେଇ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ତୀର୍ଥବାସୀ ଭୋଇ, ରମଣିରଞ୍ଜନ ପ୍ରଧାନ, ଆଲୋକ ପ୍ରଧାନ, ରଣଜିତ ଲାଲ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ କିଶୋରନଗର ଆଇଆଇସି ପ୍ରତିମା ମାଝିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

■ମନ୍ତ୍ରୀଙ୍କ ଭୁବନ ବ୍ଲକ ଗସ୍ତ

## ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ



ଅଞ୍ଚଳବାସୀଙ୍କ ସହ ମନ୍ତ୍ରୀ ଆଲୋଚନା କରୁଛନ୍ତି।

**ଭୁବନ, ୪।୬(ଡି.ଏନ୍.ଏ.)**

ରାଜ୍ୟ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ପାହ୍ୟା ମିଳିବା ପରେ ମଙ୍ଗଳବାର ପ୍ରଥମ ଥର ଭୁବନ ବ୍ଲକ ଗସ୍ତ କରିଛନ୍ତି ଖଣି, ଇସ୍ପାତ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ସେ ମଠକରଗୋଳା, ଅରଖପାଳ, ମାର୍ଥାପୁର, ଜମୁନାକୋଟ, ଦୟଣାବିଲ, ଧଳପଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସହ ଅଞ୍ଚଳର ବିକାଶ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ମାର୍ଥାପୁର ପଞ୍ଚାୟତର ଜିନେଇଲ ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୫୯ଲକ୍ଷ ୭୫ ହଜାର ଟଙ୍କାରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପକୁ ମନ୍ତ୍ରୀ ଲୋକାର୍ପିତ କରିଥିଲେ।

ଏ ନେଇ ମନ୍ତ୍ରୀ କୁହନ୍ତି, ଲୋକଙ୍କ ସହଭାଗିତା ବିନା ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ନାହିଁ। ଅଞ୍ଚଳବାସୀଙ୍କ ସହ ମିଶି ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବା ବୋଲି ସେ କହିଛନ୍ତି। ମନ୍ତ୍ରୀଙ୍କୁ ବିଭିନ୍ନ ଗ୍ରାମରେ ଦଳୀୟ କର୍ମୀ ଏବଂ ଗ୍ରାମବାସୀ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଉପାଧକ୍ଷା ସୁଭଦ୍ରା ପାତ୍ର, ବିଜେଡି ବ୍ଲକ ସଭାପତି ପ୍ରବୋଧ ଦାସ, ଜିଲା ପରିଷଦ ସଦସ୍ୟା ମାଳତୀ ନାଏକ, ସରପଞ୍ଚ ଖୁଲଣା ରାଉତ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସନ୍ଧ୍ୟାରାଣୀ ନାୟକ, କାମାକ୍ଷାନଗର ନିର୍ବାଚନମଣ୍ଡଳୀର ଯୁବ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା ସୁଧାକର ସାହୁ, ଭାସ୍କର ଚନ୍ଦ୍ର ସାହୁ, ବିଭୂତି ଭୂଷଣ ଜେନା, ଜଗବନ୍ଧୁ ସାହୁ, ଅଭିମନ୍ୟୁ ବେହେରା, ରାଜେଶ କଅଁର ପ୍ରମୁଖ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଏମ୍‌ପିଙ୍କୁ ଜଣାଇଲେ ସମସ୍ୟା

**ଢେଙ୍କାନାଳ ଅଫିସ, ୪।୬**

ଢେଙ୍କାନାଳ ସହର ବାଜିଚୌକସ୍ଥିତ ସୀତାରାମ ଆଶ୍ରମ ପରିସରରେ ଜନଜାଗ୍ରତ ମଞ୍ଚ ପକ୍ଷରୁ ସୋମବାର ନବନିର୍ବାଚିତ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପୁରୁଣା ଜିଲା ଚିକିତ୍ସାଳୟକୁ ଆୟୁଷ ହସ୍ପିଟାଲରେ ପରିଣତ କରିବା, ଏହାକୁ ସିଟି ହସ୍ପିଟାଲ ମାନ୍ୟତା ଦେବା, ଜିଲା ଚିକିତ୍ସାଳୟରେ ହୋଇଥିବା ଦୁର୍ନୀତିର ସିବିଆଇ ତଦନ୍ତ, ସହରର ପାନୀୟ ଜଳ ସମସ୍ୟା ସମ୍ପର୍କରେ ଏମ୍‌ପିଙ୍କୁ ଅବଗତ କରାଯାଇଥିଲା।

ଅନୁଷ୍ଠାନର ସଭାପତି ସୁରେନ୍ଦ୍ର କୁମାର ଦଳେଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜନାର୍ଦ୍ଦନ ନନ୍ଦୀ, ସମୀର ସାହୁ, ରୁଦ୍ରାନ୍ତ ଦଳେଇ, କୈଳାସ ସେଠୀ, ସନାତନ ମହାପାତ୍ର, ଲାଲା ମଧୁକର ସିଂ, ଟଙ୍କଧର ବେହେରା, ବନମାଳୀ ମଲ୍ଲିକ, କୈଳାସ ବେହେରା, କମଳ ମିଶ୍ର, ଅଖିଳ ମହାପାତ୍ର, ଅନ୍ନଦାଶଙ୍କର ପତି, ଭଜମନ ବିଶ୍ୱାଳ, ଦାଶରଥି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦିଲୀପ ବେହେରା ଧନ୍ୟବାଦ ଦେଇଥିଲେ।

■ବିଏସ୍‌ପି ପକ୍ଷରୁ ଗଣଧାରଣା

## 'ବନ୍ଦ ହେଉ ନିର୍ଯାତନା'



ଗଣଧାରଣାରେ ବିଏସ୍‌ପି କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୪।୬**

ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ଉପରେ ବଢୁଥିବା ଅତ୍ୟାଚାର ପ୍ରତିବାଦରେ ଢେଙ୍କାନାଳ ଶାଖା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା।

ଦେଶ ତଥା ରାଜ୍ୟରେ ବାସ କରୁଥିବା ଏସ୍‌ସି/ଏସ୍‌ଟି ବର୍ଗର ହଜାର ହଜାର ପରିବାର ଅବହେଳିତ ଅବସ୍ଥାରେ ଅଛନ୍ତି। ସେମାନେ ଏବେ ବି କ୍ଷମତାଶାଳୀ ବର୍ଗ ଦ୍ୱାରା ନିର୍ଯାତିତ ହେଉଛନ୍ତି। ସରକାର ଏହାକୁ ରୋକିବା ଦିଗରେ ସେଭଳି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। ସବୁ କ୍ଷେତ୍ରରେ ରାଜନୀତି ବିକାଶର ବାଟ ଓଗାଳୁଛି। ଏହାକୁ ରୋକିବା ଅତ୍ୟାବଶ୍ୟକ ହୋଇପଡ଼ିଛି। ଏ ଦିଗରେ ସରକାର ଧାନ ନ ଦେଲେ ଆଗକୁ ଅବସ୍ଥା ଆହୁରି ସଙ୍ଗିନ ହୋଇପଡ଼ିବ ବୋଲି କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରଦ୍ୟୁମ୍ନ ନାୟକ, ଦିଲୀପ ନାୟକ ବହୁ ଦଳୀୟ କର୍ମୀ ଧାରଣାରେ ସାମିଲ ହୋଇଥିଲେ।

Birthday Wish



R.KAJOL
Age-22
DOB: 05.06.1997
HAPPY BIRTHDAY
to KAJOL
D-12809

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଶ୍ରେୟାଲିନ୍ (ମାମା)
ଇମାମ ନଗର, ଜଗତ୍‌ପୁର, କଟକ
ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ:
ଅଜା, ଆଈ, ମାମୁ (ନହରକଣ୍ଟା), ଜେଜେ, ମା, ମମି, ପାପା, ଦାଦା ଓ ପରିବାର ବର୍ଗ।
ଧ-୧୨୮୦୧

ଜନ୍ମଦିନ ଶୁଭେଚ୍ଛା



ଆଶୁତୋଷ ପାଲଟାସିଂ (ଅଭି)
ଝାରପଡ଼ା, ଭୁବନେଶ୍ୱର
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ: ମା, ପୂଜା, ଚନ୍ଦନ, କୁଇନ୍, ମାମୁନି, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୮୩୬

